# APPENDIX A TO SCHEDULE III

## ପୁରୀ ପୌର ପରିଷଦ, ପୁରୀ

### ପ୍ରେସ ବିଜ୍ଞପ୍ତି

ପୁରୀ ପୌର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁଆରୀ ୨୦୨୨ ରେ ପ୍ରକାଶିତ ବିଧାନ ସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ପୁରୀ ପୌରପରିଷଦ କାର୍ଯ୍ୟାଳୟରେ ଏବଂ ପୌରସଂସ୍ଥାର ୱେବସାଇଟ www.purimunicipality.nic.in ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ପୁରୀ ପୌରପରିଷଦ କାର୍ଯ୍ୟାଳୟରେ ତା୧୧.୦୨.୨୦୨୨ରିଖ ରୁ ତା୧୫.୦୨.୨୦୨୨ରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସମ୍ପୃକ୍ତ ୱାର୍ଡରେ ଠିକ ଭାବେ ଭୋଟ ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରୀ ପ୍ରସ୍ତୁତ ହୋଇଥିବା ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫର୍ମ ନମ୍ବର III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୧୧.୦୨.୨୦୨୨ରିଖ ରୁ ତା୧୬.୦୨.୨୦୨୨ରିଖ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ଫର୍ମ ନମ୍ବର IV ରେ ଦରଖାସ୍ତ ତା ୧୧.୦୨.୨୦୨୨ରିଖ ରୁ ତା ୧୬.୦୨.୨୦୨୨ରିଖ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କ ନାମ ସମ୍ପର୍କରେ ଆପତ୍ତି ଫର୍ମ ନମ୍ବର IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫର୍ମ ନମ୍ବର III ଏବଂ IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫର୍ମ ନ ମିଳେ, ତେବେ ତାହର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫୋଟୋକପି କିମ୍ବା ସାଇକ୍ଲୋ ଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ନିର୍ବାଚନ ଅଧିକାରୀ
ପୁରୀ ପୌରସଂସ୍ଥା, ପୁରୀ